# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24th June - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନରେ ଆଜି ସାଂସଦମାନଙ୍କ ଶପଥଗ୍ରହଣ ।

— ବିକଶିତ ଭାରତର ସଙ୍କଳ୍ପକୁ ସାମୂହିକ ଭାବେ ପୂରଣ କରିବାପାଇଁ ସାଂସଦମାନଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

- ରାଜ୍ୟରେ ଡିପ୍‌ଥେରିଆ ଓ ଜଣ୍ଡିସ୍ ମୁକାବିଲା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ।

- ଓଡ଼ିଶାରୁ ଦେଶର ପ୍ରମୁଖ ତୀର୍ଥସ୍ଥଳୀକୁ ଆରମ୍ଭ ହେବ ବସ୍‌ସେବା ।

ଏବଂ

- ପୁରୀ ଛତିଶା ନିଯୋଗ ବୈଠକରେ ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ ।

*Desk*

# ପ୍ରଧାନମନ୍ତ୍ରୀ - ଲୋକସଭା ଶପଥ ଗ୍ରହଣ

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ନବନିର୍ବାଚିତ ସାଂସଦମାନଙ୍କୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଶପଥପାଠ କରାଇଛନ୍ତି । ଆଜି ଅଧିବେଶନ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବିକଶିତ ଭାରତର ସଙ୍କଳ୍ପକୁ ସାମୂହିକ ଭାବରେ ପୂରଣ କରିବା ଏବଂ ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିବାପାଇଁ ସମସ୍ତ ସାଂସଦଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଅଷ୍ଟାଦଶ ଲୋକସଭା ସାଧାରଣ ନାଗରିକଙ୍କ ସ୍ୱପ୍ନକୁ ପୂରଣ କରିବ । ସମସ୍ତ ସାଂସଦଙ୍କୁ ଜନକଲ୍ୟାଣ ଏବଂ ଜନସେବାପାଇଁ ମିଳିଥିବା ସୁଯୋଗର ଉପଯୋଗ କରିବା ସହ ଜନସ୍ୱାର୍ଥପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ ।

ଆସନ୍ତା ବୁଧବାର ଲୋକସଭାର ବାଚସ୍ପତି ନିର୍ବାଚନ ହେବ। ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ରେ ଆରମ୍ଭ ହେବାକୁ ଥିବାବେଳେ ସେହିଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଏହି ସ୍ୱତନ୍ତ୍ର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ। ସୂଚନା ଅନୁସାରେ, ବି.ଜେ.ପି.ର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ସର୍ବସମ୍ମତିକ୍ରମେ ରାଜ୍ୟସଭାର ନେତାଭାବେ ନିର୍ବାଚିତ ହୋଇଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ - ଜନ୍ମମାଟି ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଆଜି ନିଜ ଜନ୍ମମାଟି ରାଇକଳାରେ ପହଁଞ୍ଚିଥିଲେ । ସେଠାରେ ମୁଖ୍ୟମନ୍ତ୍ରୀ ଏକ ରୋଡ୍ ଶୋ' କରିଥିଲେ। ପରେ ଝୁମ୍ପୁରାସ୍ଥିତ ଦୁର୍ଗା ପଡ଼ିଆରେ ଏକ ଜନସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ । ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଲୋକମାନଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସନ୍ଧ୍ୟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ।

*Desk*

## ସ୍ୱାସ୍ଥ୍ୟବିଭାଗ ସମୀକ୍ଷା

ରାଜ୍ୟରେ ଜାପାନିଜ୍ ଏନ୍‌ସେଫାଲାଇଟ୍‌ସ, ଡିପ୍‌ଥେରିଆ ଏବଂ ଜଣ୍ଡିସ ମୁକାବିଲା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଅନୁଗୁଳରେ ସଂକ୍ରମିତ ହୋଇଥିବା ୨ ଜଣ ଶିଶୁ ଜାପାନୀଜ୍ ଏନ୍‌ସେଫାଲାଇଟ୍‌ସରେ ସଂକ୍ରମିତ କି ନୁହେଁ, ରିପୋର୍ଟ ଆସିବାପରେ ଜଣାପଡ଼ିଛି । ରାୟଗଡ଼ାରେ ଡିପ୍‌ଥେରିଆ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଗତ ୧୦ ଦିନ ମଧ୍ୟରେ କୌଣସି ନୂଆ ମାମଲା

ଚିହ୍ନଟ ହୋଇ ନ ଥିବା ସେ କହିଛନ୍ତି । ସ୍ଥିତି ନିୟନ୍ତ୍ରଣ ପାଇଁ ପାନୀୟ ଜଳ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ସମ୍ବଲପୁରରେ ଜଣ୍ଡିସ୍ ବ୍ୟାପିବା ଉପରେ ସତର୍କ ଦୃଷ୍ଟି ରଖାଯାଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଆସନ୍ତା ଏକ ସପ୍ତାହ ମଧ୍ୟରେ ପାନୀୟ ଜଳଯୋଗାଣ ପାଇପ୍ ଲାଇନ୍ ବଦଳାଇବାକୁ ସମ୍ବଲପୁର ମହାନଗର ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ଅନୁଗୁଳ, ରାୟଗଡ଼ା ଓ ସମ୍ବଲପୁର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିବା କହିଛନ୍ତି । ଡିପ୍‌ଥେରିଆ ହୋଇଥିବା ସ୍ଥାନରେ ଯେଭଳି ଟିକାକରଣ ଟିମ୍ ପହଞ୍ଚିପାରିବେ, ସେନେଇ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି ।

ସମ୍ବଲପୁରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୮୨କୁ ବୃଦ୍ଧି ପାଇଛି ଏବଂ ସ୍ଥିତି ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡାକ୍ତର ମିଶ୍ର କହିଛନ୍ତି । ଜିଲ୍ଲାରେ ଲୋକମାନଙ୍କୁ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି । ସଂକ୍ରମିତ ଅଞ୍ଚଳରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଜାରି ରହିଛି ।

*Sambalpur/R*

# ସମ୍ବଲପୁର ଶିକ୍ଷାନୁଷ୍ଠାନ

ସମ୍ବଲପୁର ଜିଲ୍ଲାର ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ପ୍ରଦାନ କରାଯିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଏକ ସମୀକ୍ଷା ବୈଠକ ପରେ ଏହା କହିଛନ୍ତି । ଏହି ବୈଠକରେ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଭିସୁଟ୍, ଭିମ୍ସାର, ଆଇ.ଆଇ.ଏମ୍., ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ନିଜସ୍ୱ ଜମିପଟ୍ଟା ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ସେ କହିଛନ୍ତି, ପ୍ରସ୍ତାବିତ ତଥା ଆବଣ୍ଟିତ ଜମି ଜବରଦଖଲରେ ଥିଲେ ଉଚ୍ଛେଦ ହେବ । ଏହାଛଡ଼ା ଯଦି ଶିକ୍ଷାନୁଷ୍ଠାନ ପାଇଁ ଅଧିକ ଜମି ଆବଶ୍ୟକ ଥାଏ, ସେ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦେବାକୁ କୁହାଯାଇଛି । ଜିଲ୍ଲାର ଜିଲ୍ଲାପାଳ, ତହସିଲଦାର ଏବଂ ଆର୍.ଡି.ସି. ଏଥିଲାଗି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।

*Desk*

## ବସ୍ ଚଳାଚଳ

ଓଡ଼ିଶାରୁ ଦେଶର ପ୍ରମୁଖ ତୀର୍ଥସ୍ଥଳୀକୁ ବସ୍ ଚଳାଚଳ କରିବ ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏଥିରେ ତିରୁପତି, ଅଯୋଧ୍ୟା, ବୃନ୍ଦାବନ, ଉଜ୍ଜୟିନୀ ଭଳି ତୀର୍ଥସ୍ଥାନକୁ ସାମିଲ୍ କରାଯିବ । ସେହିଭଳି ରଥଯାତ୍ରା ପାଇଁ ରାଜ୍ୟର ସମସ୍ତ ବ୍ଲକ୍‌ରୁ ପୁରୀକୁ ଓ.ଏସ୍.ଆର୍.ଟି.ସି. ବସ୍ ଚଳାଚଳ କରିବ । ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପରିବେଶ ଅନୁକୂଳ ଇଲେକ୍‌ଟ୍ରୋନିକ ବସ୍ ଅଧିକରୁ ଅଧିକ ଚଳାଯିବ । ପ୍ରଥମ ପର୍ଯ୍ୟାୟରେ ୧୦୦ଟି ବସ୍ କିଣାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

*IPR*

## କାରିଗରୀ ମନ୍ତ୍ରୀ

ବିଜ୍ଞାନ ଓ କାରିଗରୀ ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଇନୋଭେସନ୍ ହବ୍, ସାଇନ୍ସ ପାର୍କ ଓ ଅଧିକ ସଂଗ୍ରହାଳୟର ପ୍ରତିଷ୍ଠା ସହ ଜିଲ୍ଲା ସ୍ତରରେ ବିଜ୍ଞାନ ଉତ୍ସବ ଆୟୋଜନ ପାଇଁ ପରାମର୍ଶ ଦେଇଛନ୍ତି ।

*Puri/R*

# ଛତିଶା ନିଯୋଗ ବୈଠକ

ପୁରୀରେ ଆଜି ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ପରେ ମୁଖ୍ୟ ପ୍ରଶାସକ ବିର ବିକ୍ରମ ଯାଦବ କହିଛନ୍ତି, ବୈଠକରେ ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି । ଜୁଲାଇ ୬ ତାରିଖରୁ ଶ୍ରୀମନ୍ଦିରରୁ ପଟିଦିଅଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ବିଜେ କରାଯିବାକୁ ସ୍ଥିର ହୋଇଛି । ସେହିଭଳି ଜୁଲାଇ ୭ ତାରିଖରୁ ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଇ ନେତ୍ରୋତ୍ସବ ନୀତି ଅନୁଷ୍ଠିତ ହେବ । ପରେ ସେହିଦିନ ତିନିରଥର ପ୍ରତିଷ୍ଠା ଓ ମହାପ୍ରଭୁଙ୍କ ପହଣ୍ଡି, ଛେରାପହଁରା ଆଦି ନୀତି ଶେଷ ହେବାପରେ ଅପରାହ୍ଣ ୫ଟା ରଥଟଣା ହେବ ବୋଲି ଜଣାପଡ଼ିଛି । ତେବେ ଆସନ୍ତାକାଲି ପରିଚାଳନା କମିଟି ବୈଠକରେ ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯିବ ବୋଲି ଶ୍ରୀ ଯାଦବ କହିଛନ୍ତି ।

*Sambalpur/R*

# ଶିକ୍ଷକ ପ୍ରଶିକ୍ଷଣ

ଜାତୀୟ ଶିକ୍ଷାନୀତି ଅନୁଯାୟୀ ଆଇ.ଆଇ.ଏମ୍. ସମ୍ବଲପୁର ପକ୍ଷରୁ ମାଲବ୍ୟ ମିଶନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ଅନୁଷ୍ଠାନ ମଧ୍ୟରେ ପ୍ରଶାସନିକ ଏବଂ ଶିକ୍ଷାଗତ ଭୂମିକାରେ

ପ୍ରଭାବଶାଳୀ ନେତୃତ୍ୱ ନେବାପାଇଁ "ଭବିଷ୍ୟତ ନେତୃତ୍ୱ କାର୍ଯ୍ୟକ୍ରମ ସମୃଦ୍ଧୀକରଣ" ଶୀର୍ଷକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମରେ ପ୍ରଭାବଶାଳୀ ନେତୃତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ସମେତ ଆଇ.ଆଇ.ଟି. ଯୋଧପୁର, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ମଗଧ ବିଶ୍ୱବିଦ୍ୟାଳୟ ଏବଂ ବିଶ୍ୱେଶ୍ୱରାୟା ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ ।

*Desk*

## +୩ ନାମଲେଖା

ରାଜ୍ୟରେ ଯୁକ୍ତ ୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସଂସ୍କୃତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତାକାଲି ପ୍ରଥମ ଚୟନ ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଚଳିତ ମାସ ୨୬ରୁ ୨୯ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଜୁଲାଇ ୫ରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ତାଲିକା ପ୍ରକାଶ ପାଇବ।

ଚଳିତ ବର୍ଷ ରାଜ୍ୟରେ ଥିବା ୧ ହଜାର ୫୬ଟି ଡିଗ୍ରୀ କଲେଜର ୨ ଲକ୍ଷ ୭୪ ହଜାର ୬୯୧ଟି ଆସନ ପାଇଁ ୨ ଲକ୍ଷ ୩୭ ହଜାର ୭୯୫ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

***Boudh/R***

# ବ୍ଲକ୍ ଅଗ୍ନିକାଣ୍ଡ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟି ଅନେକ କାଗଜପତ୍ର ଓ ଆସବାବପତ୍ର ଜଳିଯାଇଥିବା ଜଣାପଡ଼ିଛି । ସକାଳ ପ୍ରାୟ ୧୦ଟା ବେଳେ ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗକୁ ଖବର ଦିଆଯିବା ପରେ ନିଆଁ ଆୟତ୍ତ କରାଯାଇଥିଲା । ଏହି ଘଟଣାର ତଦନ୍ତ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

***Ganjam/R***

# ବିପର୍ଯ୍ୟୟ ପରିଚାଳନା ବୈଠକ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ପୂର୍ବରୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାରା ରାଜ୍ୟକୁ ସ୍ପର୍ଶ କରିଛି । ବର୍ତ୍ତମାନ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଏହାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ବୁଧବାରଠାରୁ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*****